**ସଂକ୍ଷେପରେ**

## ଲକ୍ଷ୍ମୀପୂଜା ଭସାଣି ଉତ୍ସବ

କବିସୂର୍ଯ୍ୟନଗର,୨୦।୧୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍‌ଏସିର ତନ୍ତିସାହିରେ ଚାଲିଥିବା ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘଣ୍ଟମୃଦଙ୍ଗ ବଜାଇ ନଗର ପରିକ୍ରମା କରି ଶେଷରେ ଧନେଇ ନଦୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଖବରଦାତା କୃପାସିନ୍ଧୁ ସ୍ୱାଇଁ ଓ ଚିତ୍ରକର ସନାତନ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଯୁବ କଳାକାରଙ୍କୁ ନେଇ ଏହି ଅବସରରେ ଭଜନ ସମାରୋହ ହୋଇଥିଲା। ଓମ୍ କୁମାର ଗୌଡ଼, ବଭ୍ରୁବାହାନ ଜେନା ଓ ଅନ୍ୟମାନେ ଭଜନ ଗାନ କରିଥିଲେ। ଅର୍ଗାନରେ ଶିକ୍ଷକ ସୁବାସ ବିଶ୍ୱାଳ, ତବଲାରେ ଲକ୍ଷ୍ମୀ ନାରାୟଣ ପାତ୍ର ଥିଲେ । ପ୍ରଶାନ୍ତ ବିଶ୍ୱାଳ, ଗୌତମ ଡାକୁଆ, ରାମଚନ୍ଦ୍ର ନାୟକ, ପପୁନ ନାୟକ, ବାବୁଲା ସିଓ, କାହ୍ନୁ ଗୌଡ଼, ଦେବାଶିଷ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭସାଣି ଉତ୍ସବ ଅତି ଧୂମଧାମରେ ଘଣ୍ଟମୃଦଙ୍ଗ ବଜାଇ ନଗର ପରିକ୍ରମା କରି ଶେଷରେ ଧନେଇ ନଦୀରେ ବିସର୍ଜନ କରାଯାଇଥିଲା।

## ଆମ୍ବେଦକରଙ୍କ ପ୍ରତି ଅମିତ୍ ଶାହାଙ୍କ ଆପତ୍ତିଜନକ ମନ୍ତବ୍ୟକୁ କଂଗ୍ରେସର ବିରୋଧ

ଫୁଲବାଣୀ,୨୧।୧୨(ରାକେଶ କୁମାର ରାଉତ)

ସଂସଦ ଭିତରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଫୁଲବାଣୀରେ ଗୁରୁବାର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକଠାରେ ଦଳୀୟ ନେତା ଓ କର୍ମୀ ଏକଜୁଟ ହୋଇ ଶାହାଙ୍କ ବିରୋଧରେ ନାରାବାଜି କରିବା ସହିତ ତାଙ୍କର ଇସ୍ତଫା ଦାବି କରିଥିଲେ। ସମ୍ବିଧାନ ପ୍ରଣେତାଙ୍କ ସମ୍ପର୍କରେ ଶାହାଙ୍କ ମନ୍ତବ୍ୟ ସମଗ୍ର ଦେଶ ଏବଂ ଦଳିତ ଜାତି ପାଇଁ ଅପମାନ ବୋଲି ଦଳୀୟ ନେତାମାନେ କହିଥିଲେ। ମନ୍ତ୍ରୀ ଦେଶକୁ କ୍ଷମାମାଗିବା ସହିତ ତୁରନ୍ତ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପରେ ଦଳୀୟ କର୍ମୀଙ୍କ ଦ୍ୱାରା ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ହେମନ୍ତ କର, ରଜତ ମହାନ୍ତି, ଗୌରଚରଣ ବେହେରା, ବଳଦେବ ବେହେରା, ସଂସାର ଭୋଇ, ପୂର୍ବତନ କାଉନ୍‌ସିଲର ସୂର୍ଯ୍ୟକାନ୍ତ ଦାଶ, ଯୁବନେତା ସଞ୍ଜୟ କହଁର, ଅନୁପମ କହଁରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ସମିତି ସଂଘର ବୈଠକ

ଚକାପାଦ,୨୧।୧୨(ପ୍ରତାପ କିଶୋର ବେହେରା)

ଟିକାବାଲି ବ୍ଲକ କଲ୍ୟାଣ ମଣ୍ଡପ ଠାରେ ସମିତି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର ସଭାପତି ବଦ୍ୟନାଥ ବେହେରା, ଉପସଭାପତି ଯୁନେଶ ଦିଗାଳ, ଚକାପାଦ ବ୍ଲକ ସଭାପତି କିରାପ ପ୍ରଧାନ ଓ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲିପ କୁମାର ପ୍ରଧାନ, ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରି କହଁର, ବ୍ଲକ ଉପାଧ୍ୟକ୍ଷ ସୋମନାଥ ବେହେରାଙ୍କ ସମେତ ଦୁଇଟି ବ୍ଲକର ସମିତିସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ସମିତିସଭ୍ୟମାନଙ୍କ ୧୨ ଗୋଟି ମୌଳିକ ସମସ୍ୟା ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଟିକାବାଲି ଚକାପାଦ ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଆଗକୁ ଗୁରୁତ୍ୱ ଦେବା ସହ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ସଭ୍ୟା ସଭ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସମିତିସଭ୍ୟ କିରାପ ପ୍ରଧାନ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ।

# ଅଦିନିଆ ବର୍ଷା, ସଙ୍କଟରେ ଚାଷୀ



ଭଞ୍ଜନଗରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇ ବର୍ଷାରେ ଭିଜି ଘରକୁ ଫେରୁଛନ୍ତି।



ବେଲଗୁଣ୍ଠାରେ ବର୍ଷାରେ ଭିଜୁଛି ଧାନ ଫସଲ



ପାରଳାଖେମୁଣ୍ଡିରେ ଚାଷୀ ଖଳାରେ ଘୋଡାଇ ରଖିଥିବା ଧାନ

ବେଲଗୁଣ୍ଠା/ଚିକିଟି/ଗୋପାଳପୁର/ବୁଗୁଡା/ଭଞ୍ଜନଗର/ଆସିକା/ ଶେରଗଡ଼/ଧରାକୋଟ/ପାରଳାଖେମୁଣ୍ଡି/ବାଲିଗୁଡା, ୨୦।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ପ୍ରକାଶ ଚନ୍ଦ୍ର ସାହୁ/ ନବୀନ ରାଜ ଆଚାରୀ/ କାଳିଚରଣ ଦାଶ/ବାବୁଲା ପ୍ରଧାନ/ ସୁରେନ୍ଦ୍ର ନାଥ ସାହୁ/ ସୂର୍ଯ୍ୟ ନାରାୟଣ ଦାଶ/ବିଷ୍ଣୁ କେଶରୀ ଆଚାର୍ଯ୍ୟ/ଗିରିଧାରୀ ପରିଛା/ ସଞ୍ଜୟ କୁମାର ପାଣିଗ୍ରାହୀ)–

ଚାଷୀର ଫସଲ ବଞ୍ଚିବା ପାଇଁ ଯେତେବେଳେ ବର୍ଷାର ଜରୁରୀ ଆବଶ୍ୟକତା ଥିଲା ସେହି ସମୟରେ ଚାଷୀଙ୍କ ପାଇଁ ବର୍ଷା ନ ଥିଲା। ଫଳରେ ବେଲଗୁଣ୍ଠା ବ୍ଲକ୍‌ରେ ବହୁ ଜମିରେ ଧାନ ଫସଲ ହୋଇ ନ ପାରି ପଡ଼ିଆ ପଡ଼ିଥିଲା। ଯେଉଁ କିଛି ଜମିରେ ଚାଷୀମାନେ ଯେନତେନ ପ୍ରକାରେ ଜଳସେଚନ କରି ଫସଲକୁ ବଞ୍ଚାଇ ରଖିଥିଲେ ସେଗୁଡ଼ିକର ଅମଳ ସମୟରେ ଦାଉ ସାଧିଛି ଅଦିନିଆ ବର୍ଷା। ବର୍ତ୍ତମାନ କୋହଲା ପାଗ ଏବଂ ଝିପିଝିପି ବର୍ଷା ଚାଷୀ ଆଖିରୁ ନିଦ ହଜାଇ ଦେଇଛି। ଚାଷୀ ଅମଳ ଧାନକୁ ଖଳା, ରାସ୍ତା କିମ୍ବା ଛାତ ଉପରେ ପାଲ ଘୋଡ଼ାଇ ରଖିଛନ୍ତି। ଅମଳ ହୋଇଥିବା ଧାନ ଏବେ ବର୍ଷାରେ ଭିଜୁଛି। ଖଳା ଏବଂ ରାସ୍ତାରେ ଥିବା ଫସଲକୁ ବନ୍ୟଜନ୍ତୁ, ଗୋରୁ ଗାଈ ନଷ୍ଟ ଏବଂ ଚୋରି ହେବା ଭୟ ଥିବାରୁ ଚାଷୀ ରାତି ଉଜାଗର ରହି ଏହାକୁ ଜଗି ରହୁଛନ୍ତି। କେତେ ଜଣ ଚାଷୀ ନିଜ ଫସଲର ସୁରକ୍ଷା ଚିନ୍ତାରେ ଅମଳ ଧାନକୁ ଚୋରା ବେପାରୀଙ୍କୁ ବିକ୍ରି କରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ବ୍ଲକ୍‌ରେ ବର୍ଷାରେ ପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ଶାଗ ଫସଲ ଉପରେ ବାଲି ଚରିଯାଇଥିବା ବେଳେ କୋବି ଏବଂ ଟମାଟୋ ଫସଲରେ ପୋକ ଲାଗିବା ଆରମ୍ଭ ହୋଇଛି। ଏନେଇ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ରାଜ୍ୟ ସଭାପତି ସଚିନ ମହାପାତ୍ର ଓ ପ୍ରବକ୍ତା ସ୍ୱସ୍ତି ସୁନ୍ଦର ସିଅ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ ପ୍ରଶାସନ ଶୀଘ୍ର ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଚିକିଟି ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଗତ ଦୁଇ ଦିନ ହେଲା କୋହଲା ପାଗ ଓ ଝିପିଝିପି ବର୍ଷା ଲାଗିରହିଛି। କେତେକ ଚାଷୀ ଧାନ କାଟି ସାରିଦେଇଥିବା ବେଳେ ବିଲରେ ପଡ଼ିରହିଛି। ବର୍ଷା ଯୋଗୁ ଧାନ ଭିଜି ଗଜା ହୋଇ ପୁଣି ସେଥିରେ ଗଛ ବାହାରିଲାଣି। ଏହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। କିଭଳି ସୋସାଇଟି, ବ୍ୟାଙ୍କ ଓ ହାତ ଉଧାର ଟଙ୍କା ଶୁଝିବେ ନେଇ ଚିନ୍ତାରେ ଅଛନ୍ତି। ଚଳିତ ବର୍ଷ ଅଦିନିଆ ବର୍ଷା ଚାଷୀଙ୍କୁ ସଙ୍କଟରେ ପକାଇ ଦେଇଛି। ଏଭଳି ପରିସ୍ଥିତିରେ ପ୍ରଶାସନର ନିଷ୍କ୍ରିୟତା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ସୂଚନାଯୋଗ୍ୟ, ଚଳିତ ଖରିଫ ଋତୁରେ ବ୍ଲକରେ ୯୬୦୦ ହେକ୍ଟର ଧାନ ଚାଷ ହୋଇଥିଲା।

ଗୋପାଳପୁର ଓ ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଲଘୁଚାପ ପ୍ରଭାବରେ ଶୁକ୍ରବାର ଦିନସାରା ଝିପିଝିପି ବର୍ଷା ଲାଗି ରହିଛି। ପାଣିପାଗ ପକ୍ଷରୁ ଶନିବାର ଗଞ୍ଜାମ ଜିଲାକୁ ହଳଦିଆ ବିପଦ ସଙ୍କେତ ଜାରି କରିବା ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି। ରଙ୍ଗେଇଲୁଣ୍ଡା ବ୍ଲକର କିଛି ଅଞ୍ଚଳରେ ଚାଷୀମାନେ ଧାନ କାଟି ବିଲରେ ପକାଇଛନ୍ତି। ବର୍ଷା ଯୋଗୁ ଚାଷୀ ଚିନ୍ତାରେ ରହିଛି। ରଙ୍ଗେଇଲୁଣ୍ଡା ବ୍ଲକରେ ୮୯୦୦ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଥିଲା।

ବୁଗୁଡା ଅଞ୍ଚଳରେ ଗତ ଦୁଇଦିନ ଧରି ମେଘୁଆ ପାଗ ଜାରି ରହି ଶୁକ୍ରବାର ସକାଳୁ ଝିପିଝିପି ବର୍ଷା ଲାଗିରହିଛି। ଏହି ଅଦିନିଆ ବର୍ଷାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ପ୍ରାୟ ଜମିରେ ଧାନ ସବୁ ପାଚି ଯାଇଥିବା ବେଳେ ତାହା ଏବେ ବର୍ଷାରେ ଭିଜୁଛି। କିଛି ଚାଷୀ ଧାନ କାଟି ବିଲରେ ରଖିଛନ୍ତି ଆଉ କିଛି ଚାଷୀ ବିଲରେ ଧାନ ଗଦା କରି ପାଲ ଘୋଡେଇ ରଖିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ବୁଗୁଡ଼ା ବ୍ଲକରେ ଚଳିତ ଖରିଫ ଋତୁରେ ପ୍ରାୟ ୭ହଜାର ୮୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା।

ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁ ବାରମ୍ବାର ବିଦ୍ୟୁତ୍ କାଟ ହୋଇଥିଲା। ଏହି ବର୍ଷା ଯୋଗୁ ପନିପରିବା ଫସଲ କ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ତୃତୀୟ ସେମିଷ୍ଟାର ପରୀକ୍ଷା ଥିବାରୁ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରମାନେ ବର୍ଷା ଯୋଗୁ କଲେଜକୁ ପରୀକ୍ଷା ଦେବାକୁ ଆସିବା ଏବଂ ଫେରିବା ସମୟରେ ଅନେକ ସମସ୍ୟାର ସମ୍ମୁଖିନ ହୋଇଥିଲେ।

ଆସିକା ଅଞ୍ଚଳରେ ଶୁକ୍ରବାର ସକାଳୁ ଝିପିଝିପିଆ ଲଗାଣ ବର୍ଷା ଜାରି ରହିଛି । ବର୍ଷା ସାଙ୍ଗକୁ ପ୍ରବଳ କୋହଲା ପାଗ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବଜାର ଓ ବସଷ୍ଟାଣ୍ଡ ଜନଶୂନ୍ୟ ରହିଥିବା ଦେଖିବାକୁ ମିଳିଥିଲା। ଏଭଳି ପରିସ୍ଥିତିରେ ଚାଷ ଜମିରେ ଅମଳ ଅପେକ୍ଷାରେ ରହିଥିବା ଖରିଫ ଧାନ ଫସଲ ଜମିରେ ପଡିଯିବା ସହ ବିଭିନ୍ନ ସ୍ଥାନରେ କଟା ହୋଇ ଜମିରେ ପଡିଥିବା ଧାନ ଫସଲ ପାଇଁ ଚାଷୀ ଚିନ୍ତାରେ ରହିଛି।

ସେହିପରି ଶେରଗଡ ବ୍ଲକ ଅଞ୍ଚଳରେ ଶୁକ୍ରବାର ସକାଳୁ ଝିପିଝିପି ବର୍ଷା ଲାଗିରହିଛି। ଧାନ କଟା ହୋଇ ବିଲରେ ପଡିଥିବା କଳେଇ ଭିଜିଯାଇଛି। ଫଳରେ ଧାନ ଫସଲ ନଷ୍ଟ ହେବା ନେଇ ଚାଷୀ ଚିନ୍ତାରେ ପଡିଛି। ଗତ ୧ରୁ ୬ ପର୍ଯ୍ୟନ୍ତ କୋହଲା ପାଗ ଓ ଝିପିଝିପି ବର୍ଷା ଯୋଗୁ ବହୁତ ଧାନ କଳେଇ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଥିଲେ। ଶୁକ୍ରବାର ପୁଣି ବର୍ଷା ଚାଷୀ ପାଇଁ ପୁଣି କ୍ଷତି ପହଞ୍ଚାଇଛି। ସୂଚନାଯୋଗ୍ୟ, ଶେରଗଡ଼ ବ୍ଲକର ୨୨ ପଞ୍ଚାୟତର ୮୦ରୁ ଅଧିକ ଗ୍ରାମରେ ଧାନ କଳେଇ ବିଲରେ ପଡିଛି।

ଧରାକୋଟ ଅଞ୍ଚଳର ଚାଷୀଙ୍କୁ ବର୍ଷା ଚିନ୍ତାରେ ପକାଇଛି। ଚଳିତବର୍ଷ ଅଭାବୀ ବର୍ଷା ଯୋଗୁ ବିଳମ୍ବରେ ଆରମ୍ଭ ହୋଇଥିବା ଖରିଫ ଧାନ ଚାଷ ଜଳସେଚନ ସୁବିଧା ଥିବା ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ଧାନ ଫସଲ ୪୦ ପ୍ରତିଶତ ନଷ୍ଟ ହୋଇଛି। ଯାହା ଥିଲା ତାକୁ ଅମଳ ପାଇଁ ଚାଷୀ ଲାଗି ପଡ଼ିଥିଲେ। ସେଥିରେ ଲଗାଣ ବର୍ଷା ଦାଉ ସାଜୁଛି। କମ ସଂଖ୍ୟକ ଚାଷୀ ପାଚିଲାଧାନ ଅମଳ କରି ଖଳାକୁ ନେଇଥିବା ବେଳେ ଅନେକ ଜମିରେ ପାଚିଲା ଧାନ ଲହଡ଼ି ମାରୁଛି । କେତେକ ଜମିରେ ପଡିଥିବା କଟାଧାନ କଳେଇ ଏବେ ବର୍ଷାରେ ଭିଜୁଛି। ଇତି ମଧ୍ୟରେ ଯୋଗାଣ ବିଭାଗ ପକ୍ଷରୁ ୨୩ରୁ ଚାଷୀଙ୍କଠାରୁ ଧାନ କିଣିବାକୁ ନିଷ୍ପତ୍ତି ହୋଇ ପ୍ରଥମ ପର୍ଯ୍ୟାୟରେ କେତେ ଜଣ ଚାଷୀଙ୍କ ମୋବାଇଲକୁ ମ୍ୟାସେଜ ଆସିଛି। ଟୋକନ ପାଇଥିବା ଚାଷୀ ମ୍ୟାସେଜର ସୂଚନା ମୁତାବକ ନିଜ ନିଜ ମଣ୍ଡିରେ ଧାନ ବିକ୍ରୟ କରିପାରିବେ ବୋଲି ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ କହିଛନ୍ତି।

ଗଜପତି ଜିଲା ପାରଳାଖେମୁଣ୍ଡିରେ ଗୁରୁବାର ସନ୍ଧ୍ୟାରୁ ଲଗାତାର ଝିପିଝିପି ବର୍ଷା ଲାଗିରହିଛି। ଏହା ଚାଷୀଙ୍କୁ ସଙ୍କଟରେ ପକାଇଛି। ଅଦିନିଆ ବର୍ଷା ହେତୁ ଧାନ ଭିଜିଯିବା ସହ ଧାନର ରଙ୍ଗ ପରିବର୍ତ୍ତନ ହେବା ସମ୍ଭାବନା ଦେଖାଦେଇଛି। ଜିଲାର ୮୦ ପ୍ରତିଶତ ଚାଷୀ ନିଜ ବିଲରେ ଧାନ ଖଳା ପ୍ରସ୍ତୁତ କରି ଅମଳ ଧାନକୁ ପାଲ, ନଡା ଘୋଡାଇ ଧାନକୁ ସାଇତି ରଖିଛନ୍ତି। ତେବେ ଜିଲାରେ ନଭେମ୍ବର ଶେଷ ସୁଦ୍ଧା ପ୍ରାୟ ଧାନ ଅମଳ ହୋଇଯାଉଥିବରୁ ଧାନ ସଂଗ୍ରହ ବେଳକୁ ଚାଷୀଙ୍କୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା କରିବାକୁ ପଡୁଛି। ମଣ୍ଡିରେ ଧାନ ସଂଗ୍ରହ ବେଳେ ଚାଷୀଙ୍କୁ କିଛି ମାତ୍ରାରେ କୋହଳ କରିବା ପାଇଁ ଚାଷୀ ଦାବି କରିଛନ୍ତି।

ବାଲିଗୁଡା ସମେତ ଆଖପାଖ ଅଞ୍ଚଳରେ ଲଘୁଚାପ ପ୍ରଭାବରେ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଚାଷୀଙ୍କ କ୍ଷେତ ଓ ଖଳାରେ ପାଚିଲାଧାନ ପଡି ରହିଥିବାରୁ ତାହା ବର୍ଷାରେ ଭିଜୁଛି। ଅନେକ ସ୍ଥାନରେ ଧାନ ଭିଜିବା ସହିତ କ୍ଷେତରେ ପାଣି ଜମିବାରେ ଲାଗିଛି। ଫଳରେ ଧାନ ଗଜା ହୋଇଯିବ ବୋଲି ଚାଷୀ କହିଛନ୍ତି। ତୁରନ୍ତ ଧାନ ମଣ୍ଡି ଖୋଲିବା ସହ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

## ୨ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା ୨୦।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ନିମିନାସ୍ଥିତ କୃଷ୍ଣଚରଣ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଥିଲା । ପ୍ରଧାନଶିକ୍ଷକ ଉଗ୍ରସେନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆସିକା ବିଇଓ ମୁନରାଣୀ ମହାନ୍ତ ଓ ମୁଖବକ୍ତା ଭାବେ ସଂସ୍କୃତି ଗବେଷକ ଡା. ବାୟାମନୁ ଚର୍ଣ୍ଣି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଧାଚରଣ ସାହୁ, ନିମିନା ସରପଞ୍ଚ ବିଦ୍ୟାନ୍ତ ଚର୍ଣ୍ଣି,ଏବିଇଓ ବିଭୁନନ୍ଦନ ପଣ୍ଡା, ଅବସରପ୍ରାପ୍ତ ଏବିଇଓ ରାଜକିଶୋର ମହାନ୍ତି, ସୁପ୍ରଭା ମରୀ ତ୍ରିପାଠୀ, ଉମାକାନ୍ତ ଚର୍ଣ୍ଣି, ସୁଷମା ପ୍ରଧାନ, ବଂଶୀଧର ପରିଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ମାତାପିତା, ଗୁରୁଜନଙ୍କ ପ୍ରତି ଭକ୍ତି ଭାବ ସହ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।ସେହିଭଳି ଶୁକ୍ରବାର ଆସିକା ବ୍ଲକ ଦେବଭୂମିସ୍ଥିତ ଗ୍ରାମପଞ୍ଚାୟତ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । ପ୍ରଧାନଶିକ୍ଷକ ଲବ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବଭୂମୀ ସରପଞ୍ଚ ଅଶାନ୍ତି ବେହେରା. ବିଇଓ ମୁନରାଣୀ ମହାନ୍ତି,ଏବିଇଓ ବିଭୁନନ୍ଦନ ପଣ୍ଡା, ସମିତିସଭ୍ୟା ଲକ୍ଷ୍ମୀ ବେହେରା, ପୂର୍ବତନ ସରପଞ୍ଚ ବିଜୟ ଦଳାଇ, ପୂର୍ବତନ ସମିତିସଭ୍ୟ ସନ୍ତୋଷ ନାୟକ, ଜିଲା ପରିଷଦ ପୂର୍ବତନ ସଦସ୍ୟ ଗୌରହରି ବେହେରା, ପରିଚାଳନା କମିଟି ସଭାପତି ଉପେନ୍ଦ୍ର ନାଥ ମୁନି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଦେବଭୂମି ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ନୂତନ ଏବିଇଓଙ୍କ ଯୋଗଦାନ

ଧରାକୋଟ,୨୦।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ନୂତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଭାବେ ସୌରୀ ଶଙ୍କର ବେହେରା କାର୍ଯ୍ୟରେ ଯୋଗଦେଇଛନ୍ତି । ଏହି ଅବସରରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ ଶତପଥୀ, ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ରଙ୍କ ସହ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଆର୍‌ସିସିମାନଙ୍କ ପକ୍ଷରୁ କାଲୁ ଚରଣ ଗୌଡ଼, ଜଗନ୍ନାଥ ପଡ଼ିହାରୀ, ଶିବାନନ୍ଦ ବେହେରା, ଶ୍ରୀକାନ୍ତ ନାୟକ ଓ ଶର୍ମିଷ୍ଠା ପାତ୍ର ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ।

## ଦିଗପହଣ୍ଡି ବିଇଓଙ୍କୁ ଶେରଗଡ଼ ଦାୟିତ୍ୱ

ଶେରଗଡ଼,୨୦।୧୨(ସୂର୍ଯ୍ୟ ନାରାୟଣ ଦାଶ)

କାର୍ଯ୍ୟରତ ବିଇଓ ଅବସର ନେବା ପରଠାରୁ ଶେରଗଡରେ ବିଇଓ ପଦବୀ ନଭେମ୍ବର ୩୦ରୁ ଖାଲି ପଡିଥିଲା। ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ବିଚାରକୁ ନେଇ ଜିଲା ଶିକ୍ଷା ଅଧିକାରୀ ଦିଗପହଣ୍ଡି ବିଇଓ କୋରେଶ ସେଠୀଙ୍କୁ ଶେରଗଡ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେଠୀ ଏନେଇ ପତ୍ର ପାଇବା ପରେ ଶୁକ୍ରବାର ଶେରଗଡ ବିଇଓ ଭାବେ ଦାୟିତ୍ୱ ଏବିଇଓ ଶୈରିନ୍ଦ୍ରୀ ଦଲେଇଙ୍କଠାରୁ ଗ୍ରହଣ କରିଛନ୍ତି।

## ଦୁର୍ଘଟଣା, ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

### ଲୋକଙ୍କ ମଧ୍ୟରେ ସଚେତନତା ବଢିଲେ କମିବ ଦୁର୍ଘଟଣା, ସାଇବର ଠକେଇ

ଭଞ୍ଜନଗର,୨୦।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ରେ ଟ୍ରାଫିକ୍ ଏବଂ ସାଇବର ଠକେଇ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଦୁର୍ଘଟଣା ହାର ବୃଦ୍ଧି ପାଉଛି। ଦୁର୍ଘଟଣା ଯୋଗୁ ଅନେକ ନିରୀହ ଲୋକ ମୃତାହତ ହେଉଛନ୍ତି । ସେହିଭଳି ସାଇବର ଠକେଇ ମଧ୍ୟ ବଢୁଛି। ଏହାଦ୍ୱାରା ଅନେକ ଲୋକ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ବିଶେଷ କରି ଯୁବଗୋଷ୍ଠୀ ଅଧିକାଂଶ ସମୟ ଅନଲାଇନ୍ ଚାଟିଂ କରି ଠକେଇର ଶିକାର ହେଉଛନ୍ତି। ଲୋକଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା ବଢ଼ିଲେ ଦୁର୍ଘଟଣା ହାର ଏବଂ ସାଇବାର ଠକେଇ କମିପାରିବ। ଏଥିପ୍ରତି ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଛନ୍ତି। ଥାନା ଅଧିକାରୀ କୁମର ମୁଦୁଲିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରୋବେସନାରୀ ଆଇପିଏସ୍ ଅଧିକାରୀ ମନିଶ ସୁଗୁନ୍ଦ୍ର, ଏସ୍‌ଡ଼ିପିଓ ସୁଜିତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅରକ୍ଷିତ ପରିଚ୍ଛା ସଂଯୋଜନା କରିଥିଲେ। ସଭାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଯୋଗ ଦେଇଥିଲେ । ପରେ ପୋଲିସ ପକ୍ଷରୁ ଭଞ୍ଜନଗର ମୁଖ୍ୟ ସଡ଼କରେ ସଡ଼କ ସୁରକ୍ଷା ଉପରେ ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଯାଇଥିଲା।

## ଢଉଁଗାଁ ପଞ୍ଚାୟତରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଧରାକୋଟ,୨୦।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ଢଉଁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶଙ୍କର ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଢ଼ଉଁଗାଁ ସରପଞ୍ଚ ମନୁ ପାତ୍ରଙ୍କ ସଂଯୋଜନାରେ ହୋଇଥିବା ଶିବିରକୁ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉଦ୍‌ଘାଟନ କରିଥିଲେ। ସୁନାମୋହି, ବାହାଡ଼ାଗୁଡ଼ା, ପଙ୍କଳବାଡି, ଜେନାପୁର, କରରାମଚନ୍ଦ୍ରପୁର ସହ ଅନ୍ୟ ଗ୍ରାମର ୫୧ ଜଣ ଚକ୍ଷୁ ରୋଗୀ ନିଜ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୧ ଜଣଙ୍କୁ ଶଙ୍କର ନେତ୍ରାଳୟ ପକ୍ଷରୁ ଚକ୍ଷୁରେ ପଡ଼ିଥିବା ପରଳ ଯୋଗୁ ଅଧିକ ଚିକିତ୍ସା ପାଇଁ ଶଙ୍କର ଚକ୍ଷୁ ନେତ୍ରାଳୟକୁ ନିଆଯାଇଥିଲା। ଅନ୍ୟମାନଙ୍କୁ ଚକ୍ଷୁ ପରୀକ୍ଷା ପରେ ଔଷଧ ପ୍ରଦାନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ପାରଳାଖେମୁଣ୍ଡି,୨୦।୧୨(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ଜିଲା ପରିଷଦ ବୈଠକ ଗୃହରେ ଗଜପତି ଜିଲାରେ କାର୍ଯ୍ୟରତ ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ(ଏପିଓ)ମାନଙ୍କ ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏପିଓମାନେ ଦୀର୍ଘ ୧୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସରକାର ଏପିଓମାନଙ୍କୁ ନିୟମିତ କରାଯିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୂର୍ବରୁ କାର୍ଯ୍ୟରତ ଜିପିଟିଏ ଏବଂ ଜିଆର୍‌ଏସ୍‌ଙ୍କୁ ସରକାର ନିୟମିତ କରିଥିଲେ ମଧ୍ୟ ଏମ୍‌ସି ଏବଂ ଏପିଓମାନଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସରକାର ଏପିଓ ଓ ଏମ୍‌ସି ମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନ କଲେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲା ସଭାପତି ସୌମ୍ୟ ସୁଧାକର ତ୍ରିପାଠୀ, ସମ୍ପାଦକ ଦିଲ୍ଲୀପ ଦାସ, ଅକ୍ଷୟ ବିଷୋୟୀରତ୍ନ, ବସନ୍ତ ପଟ୍ଟନାୟକ, ମଧୁବାଳା ପାଢ଼ୀ ପ୍ରମୁଖ କର୍ମକର୍ତ୍ତା କହିଛନ୍ତି।

## ଔଷଧୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ମ୍ୟାଲେରିଆ ପ୍ରବଣ ବ୍ଲକ ଭାବେ ଫିରିଙ୍ଗିଆ ଚିହ୍ନଟ**

ଫୁଲବାଣୀ/ଫିରିଙ୍ଗିଆ,୨୦।୧୨
(ରାକେଶ କୁମାର ରାଉତ/ବିମଳ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଔଷଧ ବୁଡ଼ା ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁକ୍ରବାର ଶୁଭାରମ୍ଭ ହୋଇଛି। ଡା. ପ୍ରବୋଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଜିଲା ପରିଷଦ ସଭ୍ୟ ନୀଳ ଗିରିଶ ଦିଗାଲ, ସଭ୍ୟା ଜୟଶ୍ରୀ କହଁର, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ ପାଢ଼ୀ, ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପାତ୍ର, ଭାଜପା ନେତା ବନ ମହାନ୍ତି, ଅକ୍ଷୟ କଟା, ପ୍ରଶାନ୍ତ କମ୍ପ, ଡା. ସୁମନ୍ତ ମାଝୀ, ସ୍ୱାତୀ ସମ୍ପାଦକ ଇଂ. ହରିଶଙ୍କର ରାଉତ, ଜିଲା ମ୍ୟାଲେରିଆ ନିୟନ୍ତ୍ରଣ ଅଧିକାରୀ କୁମୁଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲାର ଏକ ପ୍ରମୁଖ ମ୍ୟାଲେରିଆ ପ୍ରବଣ ବ୍ଲକ ଭାବରେ ଫିରିଙ୍ଗିଆ ଚିହ୍ନଟ ହୋଇଥିବାରୁ କିଭଳି ମ୍ୟାଲେରିଆ ନିୟନ୍ତ୍ରଣ କରାଯାଇପାରିବ, ଔଷଧ ବୁଡ଼ା ମଶାରିର ବ୍ୟବହାର ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମଶାରି ଟାଣି ଖଟ ପକାଇ ଡେମୋ ଉପସ୍ଥାପନା କରାଯାଇଥିଲା। ଶେଷରେ ଜନସାଧାରଣଙ୍କୁ ଏହି ମଶାରି ବଣ୍ଟନ କରାଯାଇଥିଲା।



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ୯ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲେ ଏସ୍‌ପି

ପାତ୍ରପୁର, ୨୦।୧୨(ଉମାଚରଣ ନେପାକ)

ବ୍ରହ୍ମପୁର ପୋଲିସ ଜିଲା ଜରଡା ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କ ଉତ୍ତମ କାର୍ଯ୍ୟ, ଉତ୍ସର୍ଗୀକୃତ ସେବା ଏବଂ ସିରିଜ ଚୋରି ଘଟଣା ପର୍ଦ୍ଦାଫାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଯୋଗୁ ଶୁକ୍ରବାର ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଏସ୍‌ଆଇ ପି. ମାଝୀ, ରଞ୍ଜିତ ମହାପାତ୍ର, ଏଏସ୍‌ଆଇ ରବୀନ୍ଦ୍ର ପ୍ରଧାନ, ସିଏଚ୍ ମୁର୍ମୁ, ଗୃହରକ୍ଷୀ କମଳ ସାହୁ, ରଞ୍ଜିତ ରଣା, ଧୀରେନ ପାତ୍ର, କେ.ଗଣେଶ ଓ ଲଳିତ ନାୟକଙ୍କୁ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼.ଏସ୍. ବିବେକ ଏମ୍‌ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ଉପସ୍ଥିତ ଥିଲେ।

## ଇକୋ ରିଟ୍ରିଟ୍‌ରେ ଖୋଲିଲା ଖୁଦ୍ରଦାନା ଶସ୍ୟ ଷ୍ଟଲ

### ପର୍ଯ୍ୟଟକଙ୍କୁ ମିଳିବ ମାଣ୍ଡିଆ, କାଙ୍ଗୁ, କୁଏରିରେ ପ୍ରସ୍ତୁତ ଖାଦ୍ୟ ଓ ଶସ୍ୟ

ଦାରିଙ୍ଗବାଡ଼ି,୨୦।୧୨ (ଅରୁଣ ସାହୁ)

ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନରେ ପର୍ଯ୍ୟଟକଙ୍କୁ ଏବେ ହାତପାହାନ୍ତରେ ମିଳିବ ଖୁଦ୍ରଦାନା ଶସ୍ୟରେ ପ୍ରସ୍ତୁତି ସମସ୍ତ ପ୍ରକାର ଖାଦ୍ୟ। ଏହାକୁ ସରକାରଙ୍କ ଶ୍ରୀଅନ୍ନ ଅଭିଯାନରେ ମିଶନ ଶକ୍ତିର ମହିଳାମାନେ ପ୍ରସ୍ତୁତି କରି ବିକ୍ରି କରିବେ। ଦାରିଙ୍ଗବାଡ଼ିରେ ଇକୋ ରିଟ୍ରିଟ୍ ପରିସରରେ ଶୁକ୍ରବାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ବେହେରା ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ବ୍ଲକ କୃଷି ଅଧିକାରୀ ସୀତାଂଶୁ ମଲିକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିଭାଗ ଓ କୃଷି ବିଭାଗ, ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ମିଳିତ ଭାବେ ଏହାକୁ ପରିଚାଳନା କରାଯାଇଛି। ଦାରିଙ୍ଗବାଡ଼ି ଆସୁଥିବା ଓ ଇକୋ ରିଟ୍ରିଟରେ ରାତ୍ରିଯାପନ କରୁଥିବା ପର୍ଯ୍ୟଟକଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା, ମିଠା ସହ ଅନ୍ୟ ଖାଦ୍ୟ ସୁବିଧାରେ ମିଳିପାରିବ। ଏଥିସହ କାଙ୍ଗୁ, କୁଏରିରେ ପ୍ରସ୍ତୁତ ଖାଦ୍ୟ ଓ ଶସ୍ୟ ମିଳିପାରିବ। ଏହା ଦ୍ୱାରା ଖୁଦ୍ରଦାନା ଶସ୍ୟର ବହୁଳ ପ୍ରଚାର ହେବା ସହ ପର୍ଯ୍ୟଟକ ଜୈବିକ ପଦ୍ଧତିରେ କରାଯାଉଥିବା ଏହି ସାମଗ୍ରୀ ପାଇପାରିବେ।



## ବିଜେଡିର ଡିଜିଟାଲ ସଦସ୍ୟତା ଅଭିଯାନ

ବ୍ରହ୍ମପୁର,(ନରସିଂହ ସାହୁ)ବ୍ରହ୍ମପୁରରେ ବିଜେଡିର ଡିଜିଟାଲ ସଦସ୍ୟତା ଗ୍ରହଣ ଓ ନବୀକରଣ ଅଭିଯାନ ଶୁକ୍ରବାର ଆରମ୍ଭ ହୋଇଛି। ମହାନଗରର ୧୫, ୨୦, ୨୧, ୨୫, ୨୬ ଓ ୨୭ ନଂ. ୱାର୍ଡରେ ଏହା ହୋଇଛି। ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ୱାର୍ଡଗୁଡ଼ିକରୁ ୨ହଜାରରୁ ଅଧିକ ସଦସ୍ୟ ସଂଗ୍ରହ କରାଯାଇଥିଲା। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦିକା ଲଗ୍ନାଦୀପା ମିଶ୍ର, ବିଏମସି ମେୟର ସଂଘମିତ୍ରା ଦଳେଇ, ଜିଲା ଉପସଭାପତି ଭୀମସେନ ଦଳେଇ, ଅର୍ବାନ ବ୍ୟାଙ୍କ ସଭାପତି ମୁରଲୀ ମୋହନ, କର୍ପୋରେଟର ତିରୁପତି ପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର,୨୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତା ଆମ୍ବଗଡ ଛକରୁ ଏକ ବାଇକରୁ ୧୨ କେଜି ଗଞ୍ଜେଇ ଜବତ କରିଛି ସଦର-୨ ଅବକାରୀ ବିଭାଗ। ଏଥିରେ ସମ୍ପୃକ୍ତ ଗଜପତି ଜିଲା ଆର. ଉଦୟଗିରି ପାଟଚାଞ୍ଚଡା ଗ୍ରାମର ଜମେଶ ରଇତ(୩୬), ଟିକାମାଳ ଗ୍ରାମର ବାବୁନା ଆନନ୍ଦ(୨୪) ଓ ଅନ୍ତନି କରାଡ(୫୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗଜପତି ଜିଲାରୁ ଏମାନେ ୨ଟିବ୍ୟାଗରେ ଗଞ୍ଜେଇ ଧରି ଏକ ବାଇକ୍‌ଯୋଗେ ବ୍ରହ୍ମପୁର ଆସୁଥିବାବେଳେ ସେମାନଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯିବା ବେଳେ ସେମାନଙ୍କ ବ୍ୟାଗ୍‌ରୁ ଗଞ୍ଜେଇ ବାହାରିଥିଲା।

### ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର,୨୦।୧୨(ସ୍ୱାଧୀନ ଶେଖର ପାଢ଼ୀ)

ଗଞ୍ଜାମ ଜିଲାସ୍ତରୀୟ ଶିଶୁ ଉତ୍ସବ ଗୋପାଳପୁର ପିଏମ ହାଇସ୍କୁଲ ପରିସରରେ ଶୁକ୍ରବାର ଉଦଘାଟିତ ହୋଇଛି। ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା ) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଉଦଘାଟନ କରି ଶିଶୁମାନଙ୍କ କ୍ଷେତ୍ରରେ ଗୁଣାତ୍ମକ ବିକାଶ ଦିଗରେ ଓଷ୍ଟାର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଓଷ୍ଟାର ଗଞ୍ଜାମ ଜିଲାର ସଭାପତି ତଥା ଅଲ ଓଷ୍ଟାର ଉପଦେଷ୍ଟା ଜଗବନ୍ଧୁ ଜେନା, ସମ୍ମାନନୀୟ ଅତିଥି ରୂପେ ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ.ଜାନକୀ ରାମ , ଆସିକା ଏନଏସି ଅଧ୍ୟକ୍ଷ ସତ୍ୟ ନାରାୟଣ ସ୍ୱାଇଁ , ଓଷ୍ଟାର ସମ୍ପାଦକ ଡଃ ବିଜୟ ଚନ୍ଦ୍ର ମହାରଣା ,ରାଜ କୁମାର ସାହୁ , ଅମର ବିଳାସ ବେହେରା ,ହିମାଂଶୁ କୁମାର ପଟ୍ଟନାୟକ, ଭିକାରୀ ଗୌଡ ପ୍ରମୁଖ ଉପସ୍ଥିତ ରହି ଶିଶୁ ମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାର ବିକାଶ ପାଇଁ ଓଷ୍ଟାର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଓଷ୍ଟା ଜିଲା ସମ୍ପାଦକ ବିଜୟ ବେହେରା ବିବରଣୀ ପାଠ କରିଥିଲେ। ସଭାପତି ସନ୍ତୋଷ ଜେନା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ତର୍କ, ସଙ୍ଗୀତ, ନୃତ୍ୟ, ଅଭିନୟ, ସାଧାରଣ ଜ୍ଞାନ, କୁଇଜ, କବିତା ଲିଖନ, ଗଳ୍ପ ଲିଖନ, କବିତା ଆବୃତ୍ତି ପ୍ରତିଯୋଗିତାରେ ଜିଲାର ୨୨ ବ୍ଲକର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିନାୟକ ତ୍ରିପାଠୀ,ଶିବା ପାଦାଳ, ଆର୍.ବାଲ୍ ରାଜୁ, ଏମ.କୈଳାସ, ଗାୟତ୍ରୀ ବାଳା ସାହୁ, ପୂଜା ପାଢ଼ୀ, ରଶ୍ମିତା ମହାକୁଡ଼, ରବି ଶଙ୍କର ପାଣଗ୍ରାହୀ,ସିଏଚ ଚନ୍ଦ୍ର ମୋହନ ରେଡ୍ଡୀ ସହଯୋଗ କରିଥିଲେ ।

### ବର୍ଷା ଯୋଗୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ବ୍ରହ୍ମପୁର,୨୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲାର ଉପକୂଳବର୍ତ୍ତୀ ଅଂଚଳ ପ୍ରଭାବିତ ହୋଇଛି। ଶୁକ୍ରବାର ଦିନ ତମାମ କୋହଲା ପାଗ ସାଙ୍ଗକୁ ବର୍ଷା ଜାରି ରହିଛି। ସାଢେ ୫ ଟା ସୁଧା ୮.୨ ମିମି ବର୍ଷା ହୋଇଛି। ତାହାସହ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ଶନିବାର ପର୍ଯ୍ୟନ୍ତ ସମୁଦ୍ର ବାରଣ ହୋଇଛି । ଶନିବାର ମଧ୍ୟ ବର୍ଷା ରହିଥିବାରୁ ଗଞ୍ଜାମ ଜିଲାକୁ ଶନିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି ରହିଥିବା ପାଣିପାଗ ବିଭାଗ କହିଛି। ପାଗ ଖରାପ ଥିବାରୁ ଗୋପାଳପୁର ସମେତ ଆଖପାଖ ଅଂଚଳ ମାନଙ୍କରେ ଲୋକଙ୍କ ଯାତାୟତ କମ ସହ ବେଳାଭୂମିରେ ପର୍ଯ୍ୟଟକ କମ ଥିବା ଦେଖିବାକୁ ମିଳିଛି।

# ରାମେୟାପାଟଣା ଭାଗ୍ୟ ବଦଳିଲା, ପ୍ରସ୍ତାବରେ ୨ ଗାଁ

ବ୍ରହ୍ମପୁର,୨୦।୧୨(ଅଶୋକ କୁମାର ସାହୁ)

## ୧୧୫୦ ମିଟର ସି-ୱାଲ ନିର୍ମାଣ ହେବ ଖର୍ଚ୍ଚ ହେବ ୨୩ କୋଟି



ରାମେୟାପାଟଣାରେ ସି-ୱାଲ କାମ ଚାଲିଛି।

ଗଞ୍ଜାମ ଜିଲାର ସମୁଦ୍ର ଉପକୂଳରେ ଥାଇ କ୍ଷତିଗ୍ରସ୍ତ ହେଉଥିବା ଚିକିଟି ବ୍ଲକର ରାମେୟାପାଟଣା ଭାଗ୍ୟ ଦୀର୍ଘଦିନ ପରେ ବଦଳିଛି। ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ ୧୧୫୦ ମିଟର ସି-ୱାଲ ନିର୍ମାଣ କରାଯାଉଛି। ୨୩ କୋଟି ଟଙ୍କା ବ୍ୟୟରେ ଜଳସେଚନ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ଏହା ଜଣାପଡିବା ପରେ ଦୀର୍ଘ ବର୍ଷ ହେଲା କ୍ଷତିଗ୍ରସ୍ତ ହୋଇ ଆସୁଥିବା ଆଉ ୫ ଗ୍ରାମରେ ଅସନ୍ତୋଷ ଦେଖାଦେବା ସହ ସୁରକ୍ଷା ଦାବି ଉଠିଛି। ଜିଲାରେ ୬୦ କିମି ସାମୁଦ୍ରିକ ବେଳାଭୂମି ରହିଛି। ଖଲ୍ଲିକୋଟ, ଗଞ୍ଜାମ, ଛତ୍ରପୁର, ରଙ୍ଗେଇଲୁଣ୍ଡା ଓ ଚିକିଟି ବ୍ଲକର ଅନେକ ଗାଁ ଉପକୂଳରେ ରହିଛି। ଛତ୍ରପୁର ବ୍ଲକର ସାନ ଆର୍ଜିପଲ୍ଲୀ, ବଡ ଆର୍ଜିପଲ୍ଲୀ, କଡୁରୁ, କେ.ଆର୍ଜିପଲ୍ଲୀ, ଗଞ୍ଜାମ ବ୍ଲକର ପୋଡମପେଟା ଆଦି ଗାଁ ଜୁଆର ମାଡରେ ଶ୍ରୀହୀନ ହୋଇଚାଲିଛି। କିନ୍ତୁ ଏହି ଗାଁ ପ୍ରତି ସରକାରଙ୍କ ଦୃଷ୍ଟି ନାହିଁ। ସାନ ଆର୍ଜିପଲ୍ଲୀ ନିକଟରେ ଫିସିଂ ହାରବର ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲେ ବି ତାହା ସରକାରଙ୍କ ନାଲିଫିତା ତଳେ ରହିଯାଇଛି। ଉକ୍ତ ହାର୍ବର ହେଲେ ବିଶେଷ କରି ଆର୍ଜିପଲ୍ଲୀ ପଞ୍ଚାୟତର ୪ ଗାଁ ସୁରକ୍ଷିତ ରହିବ। ରାମେୟାପାଟଣା ପାଇଁ ସି-ୱାଲ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ଅର୍ଥ ଠିକ ଭାବେ ବ୍ୟୟ ହେବା ଆବଶ୍ୟକ। ଏତେବଡ ପ୍ରୋଜେକ୍ଟକୁ ଯଦି ନିମ୍ନମାନର କରିଦିଆଯାଏ ତେବେ ଆଗାମୀ ଦିନରେ ତାହା ବି ସମୁଦ୍ରରେ ଲୀନ ହେବା ଆଶଙ୍କା ରହିବ ବୋଲି ଗଞ୍ଜାମ ଜିଲା ସାମୁଦ୍ରିକ ମତ୍ସ୍ୟଜୀବୀ ସଂଘର ସଭାପତି ଏମ୍.ଗୁମାଲୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନଳିନ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଥିଲେ ଯେ, ରାମେୟାପାଟଣା ସମୁଦ୍ରକୁ ଲାଗି ରହିଛି। ୨୦୧୯ରେ ଜୁଆର ମାଡରେ ୨୭ ଘର ସମୁଦ୍ରରେ ଲୀନ ହୋଇଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅନ୍ୟ ଜାଗାରେ ଥଇଥାନ କରାଯାଇଛି। ଅଭିଯୋଗ ହେବା ପରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓସିଏନ ଟେକ୍‌ନୋଲୋଜି, ଚେନ୍ନାଇରୁ ବିଶେଷଜ୍ଞମାନେ ଆସି ଅନୁଧ୍ୟାନ କରି ଜଳସେଚନ ବିଭାଗକୁ ପ୍ରସ୍ତାବ ଦେବା ପରେ ତାହା କେନ୍ଦ୍ରୀୟ ଅନୁମୋଦନ ଲାଭ କରିଥିଲା। ରାଜ୍ୟ ସରକାର ଏହି ପ୍ରକଳ୍ପକୁ ମୋହର ମାରିବା ପରେ ସମୁଦ୍ର ଉପକୂଳର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠିରୁ ଆର୍ଥିକ ଅନୁଦାନ ଆସିଛି। କାମ ମଧ୍ୟ ଆରମ୍ଭ ହୋଇଛି। ଭୁବନେଶ୍ୱରର ଠିକାଦାର ଜ୍ଞାନେନ୍ଦ୍ର କୁମାର ରାଉତରାୟ ଏହି କାର୍ଯ୍ୟ ହାତକୁ ନେଇଛନ୍ତି। ଉକ୍ତ କାର୍ଯ୍ୟର ୭୦ ପ୍ରତିଶତ ସରିଲାଣି। ଆସନ୍ତା ବର୍ଷ ମାର୍ଚ୍ଚ ମାସରେ କାର୍ଯ୍ୟ ସରିବ । ଆଗାମୀ ଦିନରେ ସାନ ଆର୍ଜିପଲ୍ଲୀ ଓ ପୋଡମପେଟାରେ ଏଭଳି ସି-ୱାଲ ନିର୍ମାଣ ହେବା ପ୍ରସ୍ତାବ ରହିଛି। ରାଜ୍ୟ ସରକାରଙ୍କ ଅନୁଦାନ ମିଳିଲେ ସେହି କାର୍ଯ୍ୟ ମଧ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଆନ୍ତଃକଲେଜ ଭାରୋତ୍ତୋଳନ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଙ୍କ ଗହଣରେ ବିଶ୍ୱବିଦ୍ୟାଳୟ ଶ୍ରୀ ସାନ୍ତନୁ।

ବ୍ରହ୍ମପୁର,୨୦।୧୨(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ୫୬ ତମ ଆନ୍ତଃମହାବିଦ୍ୟାଳୟ ଭାରୋତ୍ତୋଳନ ଓ ସୁନ୍ଦର ସ୍ୱାସ୍ଥ୍ୟ ପୁରୁଷ ଓ ମହିଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସୁନ୍ଦର ସ୍ୱାସ୍ଥ୍ୟ ପରୀକ୍ଷାରେ ପୁରୁଷ ବର୍ଗରେ ୧୬ ଜଣ, ଭାରୋତ୍ତୋଳନ ପୁରୁଷ ବର୍ଗରେ ୧୯ ଓ ମହିଳା ବର୍ଗରେ ୩ ଜଣ ଭାଗ ନେଇଥିଲେ । ଭାରଉତ୍ତୋଳନରେ ପୁରୁଷ ବର୍ଗରେ ୫୫ କେଜି ରେ ବ୍ରହ୍ମପୁର ସିଟି କଲେଜର ରାମ ଚନ୍ଦ୍ର ମାଡ଼କାମି, ବାଲିପଦର ଆଞ୍ଚଳିକ ମହାବିଦ୍ୟାଳୟର ୬୧ କେଜିରେ ଆଶିଷ ମହାନ୍ତି, ୬୭ କେଜିରେ ଦୀପକ କୁମାର ପ୍ରଧାନ, ୭୩ କେଜିରେ ଦାମୋଦର ପାଣିଗ୍ରାହୀ, ୮୧ କେଜିରେ ସନାତନ ମଲ୍ଲିକ, ୯୬ କେଜିରେ ସିପୁନ ମହାପାତ୍ର ଓ ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜର ୮୯ କେଜି ବର୍ଗରେ ନରସୀମା ନାୟକ ପ୍ରଥମ ହୋଇଥିଲେ । ମହିଳା ବର୍ଗରେ ବାଲିପଦର ଆଞ୍ଚଳିକ ମହାବିଦ୍ୟାଳୟର ରିଙ୍କି ନାୟକ ୪୫ କେଜି, ତୁଳସୀ ସାହୁ ୭୧ କେଜି ଓ ରାମ ନାରାୟଣ କଲେଜ ତୁରାର ଅନନ୍ୟା ମହାପାତ୍ର ୭୬ କେଜିରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପୁରୁଷ ବର୍ଗରେ ସୋରଡ଼ା ଋଷିକୂଲ୍ୟା ମହାବିଦ୍ୟାଳୟର ସାନୁ ବେହେରା ୬୦ କେ.ଜି, ଆଲୋକ କୁମାର ନାୟକ ୭୦ କେଜି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ସାନ୍ତନୁ କୁମାର କାର୍ଜି ୬୫ କେଜି, ବ୍ରହ୍ମପୁର ସିଟି କଲେଜର ଏସ. କେ ସିରାଜୁଦ୍ଦିନ ୭୫ କେଜି, ଖଣ୍ଡଦେଉଳି କଲେଜର ରଶ୍ମି ରଞ୍ଜନ ବେହେରା ୯୦ କେଜି ବର୍ଗରେ ପ୍ରଥମ ହୋଇଥିଲେ । ସୁନ୍ଦର ସୱାସ୍ଥ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ରହିଥିବାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଥମ ବର୍ଷ ଛାତ୍ର ସାନ୍ତନୁ କୁମାର କାର୍ଜି ୟୁନିଭର୍ସିଟି ଶ୍ରୀ ହୋଇଥିବା କ୍ରୀଡ଼ା ପରିଷଦ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଜୁନ ଆବାଡ଼ି କେ. ରବି କୁମାର, ସମ୍ମାନନୀୟ ଅତିଥି ଭାବେ ଡ଼ି ଏସ ଓ ସନ୍ତୋଷ କୁମାର ସାହୁ, କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ରବି ଚରଣ ମିଶ୍ର, ସଂଜୀବ କୁମାର ସାହୁ, ରାଜେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଭରସିଟି ଶ୍ରୀ ପାଇଥିବା ସାନ୍ତନୁଙ୍କୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ ଶୁଭେଚ୍ଛା ଜଣାଇଛନ୍ତି ।

# ଜଙ୍ଗଲ, ପରିବେଶର ସୁରକ୍ଷା କରିବା ଉଚିତ

ବ୍ରହ୍ମପୁର,୨୦।୧୨(ସ୍ୱାଧୀନ ଶେଖର ପାଢ଼ୀ)

## ଓଡ଼ିଶା ପରିବେଶ କଂଗ୍ରେସ ଅଧିବେଶନ ଉଦ୍‌ଘାଟିତ




ଅତିଥିମାନେ ପରିବେଶ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର ପଞ୍ଚଦଶ ଓଡ଼ିଶା ପରିବେଶ କଂଗ୍ରେସ ଅଧିବେଶନ ଉଦଘାଟିତ ହୋଇଛି। ଏହା ତିନିଦିନ ଧରି ଚାଲିବ। ପ୍ରଥମ ଦିବସରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳ ପୁରୁଷ ଡ.ରାଜେନ୍ଦ୍ର ସିଂ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଲେ ଯେ, ସ୍ୱାସ୍ଥ୍ୟ, ଖଣିଜ, ଜଳବାୟୁ, ଜଙ୍ଗଲ, ପରିବେଶ ଆଦି ବିଷାକ୍ତ ହେବାରେ ଲାଗିଛି। ଏହାର ସଂରକ୍ଷଣ ଓ ସୁରକ୍ଷା ହେବା ଉଚିତ। ଜଳ ଉତ୍ସଗୁଡିକୁ ପୁନରୁଦ୍ଧାର କରି ଲୋକଙ୍କ ବ୍ୟବହାର ଉପଯୋଗୀ କରିବା ସମୟ ଆସିଛି। ଆବର୍ଜନା ଜଳକୁ ବ୍ୟବସ୍ଥିତ ଢଙ୍ଗରେ ବ୍ୟବହାର କରିବା ସହ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜରୁରୀ। ପୂର୍ବରୁ ଥିବା ଜଳ ଉତ୍ସଗୁଡ଼ିକୁ ମରାମତି କରି ଚାଷ ଉପଯୋଗୀ କରିବା ଦ୍ୱାରା ସାମୂହିକ ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ପରିବେଶ ସୁରକ୍ଷାକୁ ନେଇ ବିଭିନ୍ନ ଅନୁଷ୍ଠାନ ସହ ଚୁକ୍ତି ସ୍ୱାକ୍ଷର ହୋଇ ଥିବା କହିଥିଲେ। ଏଭଳି ଆଲୋଚନାଚକ୍ର ଦ୍ୱାରା ଛାତ୍ରୀଛାତ୍ର ଗବେଷକ ପରିବେଶକୁ ନେଇ ସଚେତନ ହେବା ସହ ସୁରକ୍ଷା ଉପରେ ତତ୍ପର ହେବାକୁ ପରାମର୍ଶ ଦେଇଥିଲେ। ୧୫୦ରୁ ଅଧିକ ରାଜ୍ୟ ଓ ରାଜ୍ୟ ବାହାରୁ ଯୋଗଦେଇଥିବା ପରିବେଶବିତ୍ ଓ ଗବେଷକ ଜଳବାୟୁ ଓ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜକ ସୁଦର୍ଶନ ଦାସ, ଡ.ବାବୁ ଅମୱାତ, ପରିବେଶ କଂଗ୍ରେସ ଦକ୍ଷିଣ ଓଡ଼ିଶା ଉନ୍ନୟନର ସମ୍ପାଦକ ଓ ସଭାପତି ଭୃଗୁ ବକ୍ସିପାତ୍ର, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଏସ.କେ ପାଲିତ, ଡ.ପି.ଚନ୍ଦ୍ର ମୋହନ. ବରିଷ୍ଠ ବୈଜ୍ଞାନିକ ଅରବିନ୍ଦ ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓଇସିର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପରିବେଶ ସୁରକ୍ଷା ନେଇ ଚାରାରୋପଣ ହୋଇଥିଲା। କାର୍ଯ୍ୟକ୍ରମରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ସ୍ନାତକୋତ୍ତର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ବାଲେଶ୍ୱରର ପରିବେଶବିତ୍ ଚିତ୍ର ଶିଳ୍ପୀ କେଶୁ ଦାସ, ପ୍ରଫେସର ଅଞ୍ଜନ କୁମାର ପୃଷ୍ଟି, ଡ.ମୃତ୍ୟୁଞ୍ଜୟ ଜେନା, ସୁଧୀର ରାଉତ, ଇ.ଟି.ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ .ତମୋଘ୍ନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ, ସବୁଜ ନୋବେଲ ପୁରସ୍କାର ବିଜେତା ପ୍ରଫୁଲ୍ଲ ସାମନ୍ତରାୟ, ନୂଆଦିଲ୍ଲୀ ସବୁଜ ଶାନ୍ତି ପରିବେଶ ଟ୍ରଷ୍ଟର ଅଧ୍ୟକ୍ଷ ସୌମ୍ୟ ଦତ୍ତ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ ଜଙ୍ଗଲ ଓ ପରିବେଶ ଉପରେ ଗବେଷଣା କରୁଥିବା ବରିଷ୍ଠ ଗବେଷକ ଡ.ସୁଧାକର କର ନିଜ ଗବେଷଣାଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ।

## ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୦।୧୨(ସ୍ୱାଧୀନ ଶେଖର ପାଢ଼ୀ)

ଗୋପାଳପୁର ମିଲିଟାରୀ ଷ୍ଟେସନ ପରିସରରେ ଥିବା ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡେପୁଟି କମାଣ୍ଡାଣ୍ଟ କର୍ଣ୍ଣେଲ ଜିତେନ କେ କୁମାର୍, ସମ୍ମାନିତ ଅତିଥି ଭାବେ କର୍ଣ୍ଣେଲ ଜି.ଏସ ସାଇକିରଣ, ବିଦ୍ୟାଳୟର ନୋମିନି ଚେୟାରମ୍ୟାନ କର୍ଣ୍ଣେଲ ମନୋଜ କୁମାର ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ମୃତ୍ୟୁଞ୍ଜୟ ସ୍ୱାଇଁ, ପ୍ରଦୀପ କୁମାର, ଅଧ୍ୟକ୍ଷ ଆର୍ମି ପବ୍ଲିକ ସ୍କୁଲ ଡ. ଆର.ସି.ଜେନା ଏବଂ ଶିକ୍ଷକ ଅଭିଭାବକ ମଣ୍ଡଳୀର ସଦସ୍ୟ ଗୌରାଙ୍ଗ ବେହେରା ଏବଂ ସସ୍ମିତା ପଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବି.ଏନ.ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଆର୍. ବବିତା ଏଂ ଶ୍ରୁତି କୀର୍ତ୍ତି ମିଶ୍ର ପରିଚାଳନା କରିଥିଲେ।

# ଯୁବକଙ୍କୁ ହତ୍ୟା ମାମଲାରେ ୪ ନିର୍ଦ୍ଦୋଷ

ବ୍ରହ୍ମପୁର, ୨୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-୧ଡ. ଇନ୍ଦୁ ଶର୍ମା ଶୁକ୍ରବାର ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପୋଲସରା କାଳି ମନ୍ଦିର ସାହିର ବୁଲୁ ଆଚାରୀ ଓରଫ ଲିଙ୍ଗା(୩୯), ଗୋପଳାପୁର ଥାନା ଅନ୍ତର୍ଗତ ତୁରା ଗ୍ରାମର ଶଙ୍କର ଗୌଡ଼(୩୪), ରାଜୁ ଓରଫ ରାଜେନ୍ଦ୍ର ଗୌଡ଼ (୩୭) ଓ ଶରଧାବାଲିର ଲିଟୁ ଲୋକନାଥ ମହାପାତ୍ର (୪୦)। ଗୋସାଣି ନୂଆଗାଁ ଥାନା ପୋଲିସ ୭ ତାରିଖରେ ହଳଦିଆପଦର ଓଭରବ୍ରିଜ କଡରୁ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଜବତ କରିଥିଲା। ଏନେଇ ନଂ.୧୪/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଏକ ହତ୍ୟା ବୋଲି ଜଣାପଡିଥିଲା। ପରେ ମୃତକଙ୍କ ସ୍ତ୍ରୀ ସିଲୁ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୧୩୮/୨୧ ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୧୮ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ଏହି ରାୟ ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୈଳାସ ଚନ୍ଦ୍ର ପଣ୍ଡା, ଶାନ୍ତନୁ କୁମାର ସାବତ ଓ କୈଳାସ ଚନ୍ଦ୍ର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରୁଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ

ବ୍ରହ୍ମପୁର,୨୦।୧୨(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ହଲରେ ଶୁକ୍ରବାର ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସ୍ଥାୟୀ ଜୈବିକ ରସାୟନ ପ୍ରସ୍ତୁତି ଉପରେ ଏହା ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଯୋଗ ଦେଇ ସ୍ଥାୟୀ ଜୈବିକ ରସାୟନ ପ୍ରସ୍ତୁତି ଉପରେ ବୁଝାଇଥିଲେ । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ରସାୟନ ବିଜ୍ଞାନର ମାନବ ସମାଜର କଲ୍ୟାଣ ନିମନ୍ତେ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ ଯୋଗ ଦେଇ ଏହି ସମ୍ମିଳନୀର ଉପଯୋଗିତା ଉପରେ ମତ ରଖିଥିଲେ। ବିଭାଗୀୟ ମୁଖ୍ୟ ଡ଼. ସତ୍ୟ ନାରାୟଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମିଳନୀର ଆବାହକ ଡ଼. ଲକ୍ଷ୍ମୀଧର ରାଉତ ଅତିଥି ପରିଚୟ ଦେଇଥିଲେ । ଏହି ଅବସରରେ ଗୌହାଟି ଆଇଆଇଟିର ପ୍ରଫେସର ଟି. ପୂର୍ଣ୍ଣ୍ୟମୂର୍ତ୍ତି, ଉତ୍କଳ ବିଶବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସତ୍ୟବାନ ଜେନା, ବ୍ରହ୍ମପୁର ବିଶବିଦ୍ୟାଳୟର ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ବାମାକାନ୍ତ ଗଡ଼ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର ସତ୍ୟବାନ ଜେନା ଏବଂ ଡ଼. ଲକ୍ଷ୍ମୀଧର ରାଉତଙ୍କ ଦ୍ୱାରା ଲିଖିତ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଡ଼. ବିଭୂତି ଭୂଷଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଛତ୍ରପୁର,୨୦।୧୨ (ଦିଲ୍ଲୀପ ସାମଲ)



ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଅନସ୍ଲୋ ମିନି ଷ୍ଟାଡିୟମ ପରିସରରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟକ୍ତା ଭାବେ ଛତ୍ରପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ପ୍ରଧାନ ଶିକ୍ଷକ ରାଧା କୃଷ୍ଣ ନାୟକ ଓ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଉମା ଶଙ୍କର ଦାଶ ପ୍ରମୁଖ ଯୋଗଦେଇ ଥିଲେ। ପ୍ରାୟ ୫ଶହରୁ ଅଧିକା ବିଦ୍ୟାର୍ଥୀ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରି ନିଜ ନିଜ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅରୁଣ କୁମାର ମାନସିଂ ଓ ଅନ୍ୟାନ୍ୟ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜବରଦଖଲ ଉଚ୍ଛେଦକୁ ନେଇ କମିଶନର-କର୍ପୋରେଟର ମୁହାଁମୁହିଁ

ବ୍ରହ୍ମପୁର,୨୦।୧୨(ସ୍ମୃତିରଞ୍ଜନ ମହାଲିକ)



ଘଟଣା ସ୍ଥଳରେ ବିଇଏମ୍‌ସି କମିଶନର ସହ ଅନ୍ୟ ଅଧିକାରୀ ଲୋକଙ୍କୁ ବୁଝାଉଛନ୍ତି।

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ରାସ୍ତା ପାର୍ଶ୍ୱ ଉଠା ଦୋକାନୀ ସମେତ ନିଗମ ଜାଗାରେ ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଉଛି। ଶୁକ୍ରବାର ଉଚ୍ଛେଦ ସମୟରେ ବିଇଏମସି କମିଶନର ଓ କର୍ପୋରେଟର ମୁହାଁମୁହିଁ ହୋଇଛନ୍ତି। ୧୭ ନଂ ୱାର୍ଡ ଗେଟ ବଜାର ଅଂଚଳର ପଞ୍ଚାନନ ନଗରଠାରେ ନିଗମର ଜାଗାରେ ୨ ମହିଳା ବେଆଇନ ଘର ନିର୍ମାଣ କରି ରହିଆସୁଥିଲେ। ନିଗମ ପକ୍ଷରୁ ଉକ୍ତ ଜାଗା ଖାଲି କରିବାକୁ ସେମାନଙ୍କୁ ୩ ଥର ନୋଟିସ ଦିଆଯାଇଥିଲା। ଗତ ମାସରେ ମଧ୍ୟ ପୁଣି ଥରେ ନୋଟିସ ଜାରି କରାଯାଇଥିଲା। କିନ୍ତୁ ମହିଳା ଜଣକ ଉକ୍ତ ଜାଗା ଖାଲି କରି ନ ଥିଲେ। ଫଳରେ ଅପରାହ୍ନରେ ବିଇଏମସି କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଏନଫୋର୍ସମେଣ୍ଟ ଟିମ ଉଚ୍ଛେଦ କରିବା ସମୟରେ ସ୍ଥାନୀୟ ବାସିନ୍ଦା ପ୍ରତିବାଦ କରିଥିଲେ। ସ୍ଥାନୀୟ କର୍ପୋରେଟର ଦୁର୍ଗା କୁମାର ଲାୟକଙ୍କ ସମେତ ୧୨ ବିଜେଡି କର୍ପୋରେଟର ଘଟଣାସ୍ଥଳରେ ପହଂଚି ଉଚ୍ଛେଦକୁ ବିରୋଧ କରି ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବାକୁ ଦାବି କରିଥିଲେ। ଫଳରେ କମିଶନର ବେଆଇନ ବୋଲି ଦର୍ଶାଇ ଘର ଭଙ୍ଗାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ କମିଶନର ଓ କର୍ପୋରେଟରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରିକି କର୍ପୋରେଟର ଓ ସ୍ଥାନୀୟ ବାସିନ୍ଦା କମିଶନର ଗୋ ବ୍ୟାକ ନାରା ଦେଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ବି ସୁଫଳ ମିଳିନଥିଲା। ପ୍ରତିବାଦକୁ ଦୃଷ୍ଟିରେ ରଖି ବିଇଏମସି ପକ୍ଷରୁ ଉଚ୍ଛେଦକୁ ବନ୍ଦ କରାଯିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। କିନ୍ତୁ ବର୍ଷା କାରଣରୁ ଉଚ୍ଛେଦକୁ ବନ୍ଦ କରାଯାଇଥିବା ନେଇ ବିଇଏମସି ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଉକ୍ତ ସ୍ଥାନରେ ଉଚ୍ଛେଦ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଅପରାଧମୁକ୍ତ ହେବ ଏମ୍‌କେସିଜି କ୍ୟାମ୍ପସ୍, ବୁଲିବ ପିସିଆର୍

ବ୍ରହ୍ମପୁର,୨୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)



ପାଟ୍ରୋଲିଂ କରିବା ପାଇଁ ପ୍ରସ୍ତୁତ ଟିମ୍।

ମହାରାଜାକୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ ପରିସର ଏବେ ଅପରାଧମୁକ୍ତ ହେବ। ସନ୍ଧ୍ୟା ୭ରୁ ସକାଳ ୭ ପର୍ଯ୍ୟନ୍ତ ଘୁରି ବୁଲିବ ପିସିଆର ଭ୍ୟାନ। ଏହି ଅପରେସନ ୨ଦିନ ହେଲା ଆରମ୍ଭ ହୋଇଛି ବୋଲି ଏମକେସିଜି ପ୍ରିନ୍ସିପାଲ ତଥା ଡିନ ପ୍ରଫେସର ଡା.ସୁଚିତ୍ରା ଦାଶ କହିଛନ୍ତି। ପୂର୍ବରୁ ଏମକେସିଜି ପରିସରରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ମେଡିକାଲ ପରିସରକୁ ଥିବା ଗଳାବାଟ ଦେଇ ଅପରାଧିମାନେ ଆସି ଅପରାଧ ଭିଆଇ ଖସି ପଳାଉଥିଲେ। ଏଥି ସହିତ ମେଡିକାଲ କଲେଜ ଛାତ୍ରୀମାନେ ରହୁଥିବା ହଷ୍ଟେଲ ପରିସର, ନର୍ସମାନେ ରହୁଥିବା କ୍ୱାର୍ଟର୍ସ ଏବଂ ଡାକ୍ତରମାନେ ରହୁଥିବା ହଷ୍ଟେଲ ଏବଂ କ୍ୱାର୍ଟର୍ସରୁ ଚୋରି ସହିତ ଅପରାଧିକ କାର୍ଯ୍ୟକଳାପ ଘଟୁଥିଲା। ଅପରାଧିମାନେ ରୋଗୀ ଓ ରୋଗୀ ସମ୍ପର୍କୀୟମାନଙ୍କୁ ବି ଛାଡୁନଥିଲେ। ବାରମ୍ବାର ଏହି ଅଭିଯୋଗ ହେବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ମେଡିକାଲ ପରିସରକୁ ଆସିବାକୁ ଥିବା ସମସ୍ତ ଗଳାବାଟ ବନ୍ଦ କରାଯାଇଛି। ଖେଳପଡିଆରେ ବାହାର ଲୋକ ଆସି ଖେଳିବା ଓ ସେଠାରେ ସନ୍ଧ୍ୟା ସମୟରେ ମଦ୍ୟପାନ କରାଯାଉଥିବା ଅଭିଯୋଗ ପରେ ତାହାକୁ ବି ବନ୍ଦ କରାଯାଇଛି। ମେଡିକାଲ ପରିସରରେ ଥିବା କେତେକ ବେଆଇନ ଦୋକାନ ଘର ବି ଉଚ୍ଛେଦ କରାଯାଇଛି। ଏବେ ସେଠାରେ କିଛି ତୃତୀୟ ଲିଙ୍ଗୀଙ୍କ ପ୍ରାଦୁର୍ଭାବ ଦେଖାଦେଇଥିବାବେଳେ ସେମାନଙ୍କୁ ନେଇ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ହେଉଥିବା ନଜରକୁ ଆସିଛି। ରାତିରେ ଡାକ୍ତର ଓ ଛାତ୍ରୀଛାତ୍ରମାନେ ସେମାନଙ୍କ ରୁମ୍‌କୁ ନିରାପଦରେ ଆସିପାରୁ ନଥିବା ବି ଅଭିଯୋଗ ଆସୁଛି। ତେଣୁ ମେଡିକାଲ ପରିସରରେ ପୋଲିସ ପାଟ୍ରୋଲିଂ ପାଇଁ ପୋଲିସକୁ ଅନୁରୋଧ କରାଯାଉଥିଲା। କିନ୍ତୁ ସମ୍ବଳ ନଥିବାରୁ ସେମାନଙ୍କ ପକ୍ଷରୁ ବି ଏନେଇ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇପାରୁନଥିଲା। ଜିଲାପାଳଙ୍କୁ ଅନୁରୋଧ କରିବା ପରେ ଏକ ଘରୋଇ ସଂସ୍ଥା ସହାୟତାରେ ଏକ ପିସିଆର ଭ୍ୟାନ ମେଡିକାଲକୁ ମିଳିଛି। ମେଡିକାଲ ପକ୍ଷରୁ ଜଣେ ଡ୍ରାଇଭରଙ୍କୁ ଏଥିପାଇଁ ନିଯୁକ୍ତ କରାଯିବ। ୩ଜଣ ସିକ୍ୟୁରିଟିଙ୍କ ସହିତ ଦୁଇଜଣ ହୋମଗାର୍ଡ ରହିବେ। ଗାଡି ପାଇଁ ଇନ୍ଧନ ବ୍ୟବସ୍ଥା କରାଯିବ। ସେମାନଙ୍କ ପାରିଶ୍ରମିକ ମେଡିକାଲ ତରଫରୁ ଯୋଗାଇ ଦିଆଯିବ। ସାରା ରାତି ଏମାନେ ମେଡିକାଲ ପରିସର ବୁଲିବେ। କୌଣସି କର୍ମଚାରୀଙ୍କ ଅସୁବିଧା ହେଲେ ଏକ ନିର୍ଦ୍ଦିଷ୍ଟ ନମ୍ବରରେ ପିସିଆରକୁ ଜଣାଇଲେ ସେମାନେ ତତ୍‌କ୍ଷଣାତ ପହଞ୍ଚିବେ। ଫଳରେ ଅପରାଧିକ କାର୍ଯ୍ୟକଳାପ ଯଥେଷ୍ଟ ପରିମାଣରେ ରୋକାଯାଇପାରିବ ଆଶା ରହିଛି ବୋଲି ଡିନ ପ୍ରଫେସର ଦାସ କହିଛନ୍ତି।

